ବ୍ରଜ କିଶୋର ଜଗଦେବ

*ବନାମ*

ଲିଙ୍ଗରାଜ ସାମନ୍ତରାୟ ଏବଂ ଅନ୍ୟମାନେ

ଜୁଲାଇ 28, 2000

[ଏସ୍. ରାଜେନ୍ଦ୍ର ବାବୁ ଏବଂ ଶିବରାଜ ଭି. ପାଟିଲ୍, ନ୍ୟାୟମୂର୍ତ୍ତିଦ୍ୱୟ ।]

*ହିନ୍ଦୁ ଆଇନ:*

*ଓଡ଼ିଶା ହିନ୍ଦୁ ଦେବୋତ୍ତର ଅଧିନିୟମ, 1951: ଧାରା 3(6) ଏବଂ 42 ।*

*ସାର୍ବଜନୀନ ଧାର୍ମିକ ଅନୁଷ୍ଠାନ – ବଂଶାନୁକ୍ରମିକ ନ୍ୟାସୀ - ପୂରଣ ହେବାକୁ ଥିବା ସର୍ତ୍ତାବଳୀ - କେତେକ ବ୍ୟକ୍ତି ଏହି ଆଧାରରେ ସାର୍ବଜନୀନ ଧାର୍ମିକ ଅନୁଷ୍ଠାନର ବଂଶାନୁକ୍ରମିକ ନ୍ୟାସୀ ବୋଲି ଦାବି କଲେ ଯେ ସେମାନେ ମାର୍ଫତଦାର ଭାବରେ କାର୍ଯ୍ୟ କରୁଥିଲେ - ତେବେ ଯାହା ହେଉ, ଏହି ମର୍ମରେ କୌଣସି ପ୍ରମାଣ ଉପସ୍ଥାପନ କରା ଯାଇନଥିଲା - କିନ୍ତୁ ଉଚ୍ଚ ନ୍ୟାୟାଳୟ କହିଲେ ଯେ ସେମାନେ ମାର୍ଫତଦାର ଥିଲେ ବୋଲି ଦର୍ଶାଇବା ପାଇଁ ପର୍ଯ୍ୟାପ୍ତ ତଥ୍ୟ ଥିଲା ଏବଂ 'ହୃତ ମଞ୍ଜୁରି' ନୀତି ଉପରେ ସେମାନଙ୍କୁ ବଂଶାନୁକ୍ରମିକ ନ୍ୟାସୀ ବୋଲି ପରିଗଣ୍ୟ କରାଯିବା ଉଚିତ - ସଠିକତା – ଦର୍ଶାଯାଇଥିଲା: ବଂଶାନୁକ୍ରମିକ ନ୍ୟାସୀ ହେବା ପାଇଁ ଦାବିଦାରମାନଙ୍କୁ ଯୁକ୍ତିଯୁକ୍ତ ସାକ୍ଷ୍ୟ ଦ୍ୱାରା ପ୍ରମାଣ କରିବାକୁ ପଡିବ ଯେ (i) ସେମାନଙ୍କ ପରିବାରର ସଦସ୍ୟମାନେ ନ୍ୟାସୀ ଭାବେ ଦେବତାଙ୍କ କାର୍ଯ୍ୟର ପରିଚାଳନା ଦାୟିତ୍ୱରେ ରହି ଆସିଛନ୍ତି; (ii) ପ୍ରତିଷ୍ଠାତାଙ୍କ ଅମଳରୁ ବଂଶାନୁଗତ ଅଧିକାର କ୍ରମେ ସେମାନଙ୍କର କାର୍ଯ୍ୟାଳୟର ଉତ୍ତରାଧିକାର ସେମାନଙ୍କ ଉପରେ ନ୍ୟସ୍ତ; ଏବଂ (iii) ଧାରା 42 ଅଧୀନରେ ଆବେଦନ ଦାଖଲ କରିବା ସମୟରେ ଉତ୍ତରାଧିକାର ଯୋଜନା ବଳବତ୍ତର ଥିଲା – କେବଳ ମାତ୍ର ଯେ ଜଣେ ବ୍ୟକ୍ତି ଯେହେତୁ ନ୍ୟାସୀ ଭାବରେ ଅନୁଷ୍ଠାନର ପ୍ରଶାସନ କାର୍ଯ୍ୟଭାର ଦାୟିତ୍ୱରେ ଅଛନ୍ତି, ଏହା ତାଙ୍କୁ ଜଣେ ବଂଶାନୁକ୍ରମିକ ନ୍ୟାସୀ କରିବ ନାହିଁ - ତେଣୁ, ଉକ୍ତ ବ୍ୟକ୍ତିମାନଙ୍କୁ ବଂଶାନୁକ୍ରମିକ ନ୍ୟାସୀ ଭାବେ ଗ୍ରହଣ କରିବାରେ ଉଚ୍ଚ ନ୍ୟାୟାଳୟ ତ୍ରୁଟି କରିଥିଲେ ।*

*ମଞ୍ଜୁରି - ହୃତ ମଞ୍ଜୁରି –ପ୍ରାକ୍ ଧାରଣା - ସାର୍ବଜନୀନ ଧାର୍ମିକ ଅନୁଷ୍ଠାନ - ବଂଶାନୁକ୍ରମିକ ନ୍ୟାସୀ ମାର୍ଫତଦାରଗଣ - ଦାବି - କୁହାଗଲା: ଅଧିକାର ବଶତଃ ଏବଂ ବିନା କୌଣସି ହସ୍ତକ୍ଷେପରେ ଯେତେବେଳେ ବ୍ୟବହାର ଅବାଧିତ ଥାଏ, ହୃତ ମଞ୍ଜୁରି ଅନୁମାନ କରାଯାଇପାରେ କିନ୍ତୁ ସେତେବେଳେ ନୁହେଁ ଯେତେବେଳେ ବ୍ୟବହାରକାରୀଙ୍କୁ ଅନ୍ୟଥା ବ୍ୟାଖ୍ୟା କରାଯାଇପାରିବ - ଉତ୍ତରାଧିକାର ସୂତ୍ରରେ ସଂସ୍ଥାପନ ହୋଇଥିବା ନ୍ୟାସୀମାନଙ୍କ ସପକ୍ଷରେ 'ହୃତ ମଞ୍ଜୁରି' ର କଳ୍ପନାର କୌଣସି ପ୍ରାକ୍ ଧାରଣା ହୋଇପାରିବ ନାହିଁ - ମାର୍ଫତଦାରମାନେ ବଂଶାନୁକ୍ରମିକ ନ୍ୟାସୀ ବୋଲି ଯୁକ୍ତିସିଦ୍ଧ ଅନୁମାନ କରିବା ପାଇଁ ଅଭିଲେଖରେ କୌଣସି ତଥ୍ୟ ନାହିଁ ।*

*ଶବ୍ଦାବଳୀ ଏବଂ ବାକ୍ୟାଂଶମାନ :*

*"ବଂଶାନୁକ୍ରମିକ ନ୍ୟାସୀ" ଏବଂ "ଅନ୍ୟଥା"- ଅର୍ଥ - ଓଡ଼ିଶା ହିନ୍ଦୁ ଦେବୋତ୍ତର ଅଧିନିୟମ, 1951 ର ଧାରା 3(6) ର ସନ୍ଦର୍ଭରେ ।*

*"ମାର୍ଫତଦାରଗଣ"- ର ଅର୍ଥ ।*

*ମତବାଦ:*

*ହୃତ ମଞ୍ଜୁରିର ମତବାଦ – ପ୍ରାକ୍ ଧାରଣା*

ପ୍ରତିବାଦୀ ଦାବି କରିଥିଲେ ଯେ ସେମାନେ ଏକ ସାର୍ବଜନୀନ ଧାର୍ମିକ ଅନୁଷ୍ଠାନର ମାର୍ଫତଦାର ଭାବରେ ଏହାର ପ୍ରତିଷ୍ଠାତାଙ୍କ ଅମଳରୁ କାର୍ଯ୍ୟ କରିଆସୁଛନ୍ତି । ପ୍ରତିବାଦୀମାନେ ଏହା ମଧ୍ୟ ଦାବି କରିଥିଲେ ଯେ ସେମାନଙ୍କୁ ସମୟ ସମୟରେ ରାଜସ୍ୱ ତଥା ଅନ୍ୟାନ୍ୟ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ଉକ୍ତ ଅନୁଷ୍ଠାନର *ବଂଶାନୁକ୍ରମିକ ନ୍ୟାସୀ* ଭାବରେ ସ୍ୱୀକୃତି ଦିଆଯାଇଥିଲା ।

ପ୍ରତିବାଦୀମାନେ ଅନୁଷ୍ଠାନର ପ୍ରଶାସନ ପାଇଁ ଏକ ଯୋଜନା ପ୍ରସ୍ତୁତ କରିବାକୁ ଅନୁରୋଧ କରି ଓଡ଼ିଶା ହିନ୍ଦୁ ଦେବୋତ୍ତର ଅଧିନିୟମ, 1951 ର ଧାରା 42 ଅଧୀନରେ ଏକ ଆବେଦନ ଦାଖଲ କରିଥିଲେ । ତେବେ ଅନୁପସ୍ଥିତି/ଖିଲାପ ଯୋଗୁଁ ଏହି ଆବେଦନକୁ ଖାରଜ କରି ଦିଆଯାଇଥିଲା ।

ଏହା ପରେ, ପ୍ରତିବାଦୀମାନେ ଏହି ଅଧିନିୟମ ଅଧୀନରେ ବଂଶାନୁକ୍ରମିକ ନ୍ୟାସୀ ଭାବରେ ସେମାନଙ୍କର ଦାବି ବିଚାର କରିବାକୁ ଏକ ଆବେଦନ ଦାଖଲ କରିଥିଲେ । ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ ଗତାନୁଗତିକ ପ୍ରଥା ଦ୍ୱାରା ହେଉ ବା ଅନ୍ୟଥା ହେଉ ପ୍ରତିବାଦୀମାନଙ୍କ ସହ କେବେ ବି ଅନୁଷ୍ଠାନର ବଂଶାନୁକ୍ରମିକ ନ୍ୟାସୀ ଭାବରେ ବ୍ୟବହାର କରା ଯାଇନଥିଲା । ସହକାରୀ ଆୟୁକ୍ତ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ । ତେବେ ଯାହା ହେଉ, ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଆବେଦନଟିକୁ ମଞ୍ଜୁର କରିଥିଲେ ଯେ ପ୍ରତିବାଦୀମାନେ ମାର୍ଫତଦାର ଥିଲେ ବୋଲି ଦର୍ଶାଇବା ପାଇଁ ତଥ୍ୟ ଥିଲା ଏବଂ ଯଦି ସେମାନେ ମାର୍ଫତଦାର ଥିଲେ, ତେବେ ସେମାନଙ୍କୁ ନ୍ୟାସୀ ଭାବେ ଗ୍ରହଣ କରାଯିବା ଉଚିତ; ଏବଂ '*ହୃତ ମଞ୍ଜୁରି*' ନୀତି ଆଧାରରେ ପ୍ରତିବାଦୀମାନଙ୍କୁ ବଂଶାନୁକ୍ରମିକ ନ୍ୟାସୀ ଭାବେ ବିବେଚନା କରାଯିବା ଉଚିତ । ଏହି କାରଣରୁ ଏହି ଆବେଦନଟି କରାଯାଇଛି ।

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

କହିଲେ: 1 ଓଡ଼ିଶା ହିନ୍ଦୁ ଦେବୋତ୍ତର ଅଧିନିୟମ, 1951 ଅଧୀନରେ ପ୍ରତିବାଦୀମାନେ ବଂଶାନୁକ୍ରମିକ ନ୍ୟାସୀ ବୋଲି ଦାବି ରଖିବା ପାଇଁ ଏହା ପ୍ରମାଣ କରିବାକୁ ପଡିବ ଯେ ସେମାନଙ୍କର ପରିବାରର ସଦସ୍ୟମାନେ ନ୍ୟାସୀ ଭାବରେ ଦେବତାଙ୍କ କାର୍ଯ୍ୟର ପରିଚାଳନା ଦାୟିତ୍ୱରେ ରହିଆସିଛନ୍ତି ଏବଂ ପ୍ରତିଷ୍ଠାତାଙ୍କ ଅମଳରୁ ବଂଶାନୁକ୍ରମିକ ଅଧିକାର ଦ୍ୱାରା ସେମାନଙ୍କର କାର୍ଯ୍ୟାଳୟର ଉତ୍ତରାଧିକାର ସେମାନଙ୍କ ଉପରେ ନ୍ୟସ୍ତ ଏବଂ ଅଧିନିୟମର ଧାରା 42 ଅଧୀନରେ ଆବେଦନ ଦାଖଲ ହେବା ପର୍ଯ୍ୟନ୍ତ ଏହି ଯୋଜନା ବଳବତ୍ତର ରହିଥିଲା । ପ୍ରତିବାଦୀମାନଙ୍କର ପରିବାରର ପ୍ରତ୍ୟେକ ସଦସ୍ୟ କିଛି ସମୟ ପାଇଁ ଦେବତାଙ୍କ ମାର୍ଫତଦାର ଭାବରେ କାର୍ଯ୍ୟ କରୁଥିଲେ ବୋଲି ଧରିନେଲେ ଅଧିନିୟମର ଧାରା 3(6) ରେ ପ୍ରଦାନ କରାଯାଇଥିବା ବ୍ୟବସ୍ଥାନୁସାରେ ସେମାନେ ବଂଶାନୁକ୍ରମିକ ନ୍ୟାସୀ ଅଟନ୍ତି ବୋଲି ସେମାନଙ୍କ ମାମଲା ସିଦ୍ଧ କରିବାକୁ ଏହା ଯଥେଷ୍ଟ ନୁହେଁ । ଅନ୍ୟାନ୍ୟ ମାନଦଣ୍ଡ ଯେପରିକି ପ୍ରତିଷ୍ଠାତାଙ୍କ ଅମଳରୁ ବଂଶାନୁଗତ ଅଧିକାର ଦ୍ୱାରା କିମ୍ବା ଗତାନୁଗତିକ ପ୍ରଥା ଦ୍ୱାରା ନିୟନ୍ତ୍ରିତ ହୋଇ ନ୍ୟାସୀ ପଦରେ ଉତ୍ତରାଧିକାର ସୂତ୍ରରେ ଅଧିଷ୍ଠିତ ହୋଇଥିଲେ ଏବଂ ଅଧିନିୟମର ଧାରା 42 ଅଧୀନରେ ଆବେଦନ ସମୟ ପର୍ଯ୍ୟନ୍ତ ଏପରି ଯୋଜନା ବଳବତ୍ତର ଅଛି, ତାହା ଯୁକ୍ତିଯୁକ୍ତ ସାକ୍ଷ୍ୟ ଦାଖଲ କରି ପ୍ରମାଣ କରିବାକୁ ପଡିବ ।

2. ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଏହି ବିଷୟକୁ ବିଶ୍ଲେଷଣ କରିବାକୁ ଅଗ୍ରସର ହୋଇଥିଲେ ଯେ ଦେବତାଙ୍କ ଧାର୍ମିକ ସେବା କାର୍ଯ୍ୟ ଦାୟିତ୍ୱ ତୁଲାଉଥିବା ବ୍ୟକ୍ତିଙ୍କ ପାଇଁ ଅନୁଷ୍ଠାନର ନ୍ୟାସୀ ହେବା ପାଇଁ କୌଣସି ପ୍ରକାର ପ୍ରତିବନ୍ଧକ ନାହିଁ, ଯେହେତୁ ନ୍ୟାସୀର ସଂଜ୍ଞା ଧାର୍ମିକ ଅନୁଷ୍ଠାନର ପ୍ରଶାସନ ଦାୟିତ୍ୱରେ ଥିବା ଯେ କୌଣସି ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରେ । ଉଚ୍ଚ

**ନ୍ୟାୟାଳୟଙ୍କର ଏହି କାର୍ଯ୍ୟପନ୍ଥା ଏହି ମାମଲାର ଯାଞ୍ଚରେ ଭୁଲ ପରିଣାମ  ଆଣିଛି । ଦେଖିବାକୁ ହେବ କି ପ୍ରତିବାଦୀମାନେ, ବଂଶାନୁକ୍ରମିକ ନ୍ୟାସୀ ହୋଇଥିଲେ ସୁଦ୍ଧା, "ମାର୍ଫତଦାର" ଭାବରେ ନିୟୋଜିତ ହୋଇଥିଲେ କି ଏବଂ ଅନ୍ୟ ଭାବରେ ନୁହେଁ । କେବଳ ଜଣେ ବ୍ୟକ୍ତି ଦେବତାଙ୍କ ପ୍ରଶାସନ ଦାୟିତ୍ୱ ଯଦିଓ ଜଣେ ନ୍ୟାସୀ ଭାବରେ ତୁଲାଉଛନ୍ତି, ଏହା ତାଙ୍କୁ "ବଂଶାନୁକ୍ରମିକ ନ୍ୟାସୀ"ରେ ପରିଣତ କରିବ ନାହିଁ, ଯେ ପର୍ଯ୍ୟନ୍ତ ଏହାର ସର୍ତ୍ତଗୁଡ଼ିକ ପୂରଣ ହୋଇନାହିଁ । ବର୍ତ୍ତମାନର ମାମଲାରେ, ପ୍ରତିବାଦୀମାନଙ୍କର ଦାବି ଏହି କି ଯେ ସେମାନେ ନ୍ୟାସୀ ନୁହଁନ୍ତି ବରଂ ପ୍ରାସଙ୍ଗିକ ବ୍ୟବସ୍ଥା ଅଧୀନରେ ବଂଶାନୁକ୍ରମିକ ନ୍ୟାସୀ ଅଟନ୍ତି । ତେଣୁ, ଏହି ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟଙ୍କ ମତ ସୂଚାରୁରୂପେ ପ୍ରତିଷ୍ଠିତ ନୁହେଁ, ବିଶେଷ କରି ଯେତେବେଳେ ନିମ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥାପିତ ମତକୁ ଅଯୌକ୍ତିକ କିମ୍ବା ଅନୁପଯୁକ୍ତ ବୋଲି କୁହାଯାଇପାରିବ ନାହିଁ ।**

**3. ଅଧିକାର ହିସାବରେ ଏବଂ ବିନା ଅନ୍ତରାୟରେ, ଯେତେବେଳେ ଏହି ଧରଣର ବ୍ୟବହାରକାରୀ ଅବାଧିତ ଅଟନ୍ତି, ଅତି ପୁରା କାଳର ବ୍ୟବହାରରୁ ମଞ୍ଜୁରିର ଅନୁମାନ କରିବାକୁ ନ୍ୟାୟାଳୟ ମୁକ୍ତ ଅଛନ୍ତି, କିନ୍ତୁ ଯଦି ବ୍ୟବହାରକାରୀଙ୍କୁ ଅନ୍ୟଥା ବ୍ୟାଖ୍ୟା କରାଯାଇପାରିବ ତେବେ ମଞ୍ଜୁରିର ଅନୁମାନ କରାଯିବ ନାହିଁ । ମାଲିକଙ୍କ ସମ୍ପତିରେ ବ୍ୟବହାରକାରୀଙ୍କର ଦୀର୍ଘକାଳୀନ ଭୋଗଦଖଲରୁ ତଥା ଭୋଗାଧିକାର ପ୍ରୟୋଗ ଦ୍ୱାରା ଏକ 'ହୃତ ମଞ୍ଜୁରି' ର କଳ୍ପନା, ଯେ ମୂଳତଃ ଦାବିଦାରଙ୍କୁ ମଞ୍ଜୁରି ଦିଆଯାଇଥିବ, ଯାହା 'ହୃତ' ହୋଇଯାଇଥିଲା, କେବଳ ମାତ୍ର ଏକ ପ୍ରାକ୍ ଧାରଣା । ଉତ୍ତରାଧିକାର ସୂତ୍ରରେ ସଂସ୍ଥାପିତ ହୋଇଥିବା ନ୍ୟାସୀମାନଙ୍କ ସପକ୍ଷରେ 'ହୃତ ମଞ୍ଜୁରି' ର ଏପରି କୌଣସି ପ୍ରାକ୍ ଧାରଣା ହୋଇପାରିବ ନାହିଁ ।**

ଦେୱାନୀ ଅପିଲ ଅଧିକାରିତା:  ଦେୱାନୀ ଆବେଦନ ସଂଖ୍ୟା  2378/1984 ।

ଏମ୍. ଏ. ସଂଖ୍ୟା 101/1979 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତା 25.1.84 ରିଖ ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ପ୍ରଶାନ୍ତ ଭୂଷଣ, ସଞ୍ଜୀବ କେ. କପୁର ଏବଂ ନରେନ୍ଦ୍ର କେ. ବର୍ମା ।

ପ୍ରତିବାଦୀମାନଙ୍କ ପକ୍ଷରୁ ଜନରଞ୍ଜନ ଦାସ, କେ. କେ. ମାହାଲିକ ଏବଂ ଡି. ପି. ମହାନ୍ତି ।

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

**ରାଜେନ୍ଦ୍ର ବାବୁ, ନ୍ୟାୟମୂର୍ତ୍ତି ।** ଶ୍ରୀ ସିଦ୍ଧବଲଦେବ ଜୀଉ, ଗ୍ରାମ - ସୋଧରପୁର, ପୋଷ୍ଟ - ବକୁ, ପୁରୀ ଜିଲ୍ଲା, ଅନୁଷ୍ଠାନଟିର ସମ୍ବନ୍ଧରେ ପ୍ରତିବାଦୀମାନେ ଗୋଟିଏ ଦାବି କରିଥିଲେ; ଉକ୍ତ ଅନୁଷ୍ଠାନଟି କେତେକ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ଯାହାର ଉତ୍ପତ୍ତି ପ୍ରାଚୀନ କାଳରେ ହଜି ଯାଇଥିଲା ଏବଂ ଏହି ଅନୁଷ୍ଠାନକୁ ସର୍ବଦା ଏକ ସାର୍ବଜନୀନ ଧାର୍ମିକ ଅନୁଷ୍ଠାନ ଭାବରେ ବ୍ୟବହାର ପ୍ରଦର୍ଶନ କରାଯାଇଛି; ପ୍ରତିବାଦୀମାନଙ୍କର ପୂର୍ବପୁରୁଷମାନଙ୍କୁ ଉକ୍ତ ଅନୁଷ୍ଠାନର ସମସ୍ତ କାର୍ଯ୍ୟର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା, ଯେଉଁଥିରେ ଦେବତାଙ୍କ ସେବା-ପୂଜା ଏବଂ ଦେବତାଙ୍କ ସମସ୍ତ ଜମି ଅଧିକାର ଏବଂ ଅନୁଷ୍ଠାନର ରକ୍ଷଣାବେକ୍ଷଣର ଏ'ପରି ଅଧିକାର ଉତ୍ତରାଧିକାର ସୂତ୍ରରେ ସେମାନଙ୍କର ଉତ୍ତରାଧିକାରୀମାନଙ୍କୁ ମିଳିଥିଲା; ଯେ ସେମାନେ କୌଣସି ସମୟରେ କୌଣସି ପ୍ରକାର ହସ୍ତକ୍ଷେପ ବିନା ମାର୍ଫତଦାର ଭାବରେ ଦେବତାଙ୍କୁ ସେବା-ପୂଜା ପ୍ରଦାନ କରିଆସୁଛନ୍ତି ଏବଂ ତେଣୁ ଦେବତାଙ୍କ ସମସ୍ତ ସମ୍ପତ୍ତିର ଭୋଗଦଖଲରେ ଅଛନ୍ତି, ଜମିସ୍ଥିତ ସମ୍ପତ୍ତି ବାବଦରେ ଏବଂ ସେମାନଙ୍କ ପୂର୍ବପୁରୁଷଙ୍କ ଦ୍ୱାରା ଜମିସ୍ଥିତ ସମ୍ପତ୍ତିରୁ ମିଳୁଥିବା ଭୋଗାଧିକାରରୁ କର୍ତ୍ତୃପକ୍ଷଙ୍କୁ ଖଜଣା ପ୍ରଦାନ କରନ୍ତି; କୌଣସି ସମ୍ପତ୍ତି ଅଲଗା କରାଯାଇନାହିଁ ଏବଂ ମାର୍ଫତଦାରମାନଙ୍କୁ ସେମାନଙ୍କର ସେବା ବଦଳରେ ଉପଭୋଗ କରିବା ପାଇଁ ଦିଆଯାଇନାହିଁ; ମାର୍ଫତଦାର ପଦବୀ ଉତ୍ତରାଧିକାର

ସୂତ୍ରରେ ପାଇବାର ଏପରି ଅଧିକାର ପ୍ରତିଷ୍ଠାତାଙ୍କ ଅମଳରୁ ପ୍ରଚଳିତ ରହିଆସିଛି ଏବଂ ଗତାନୁଗତିକ ପ୍ରଥା ଦ୍ୱାରା ନିୟନ୍ତ୍ରିତ; ଯେ ସେମାନେ ପ୍ରତିଷ୍ଠାତାଙ୍କ ଅମଳରୁ ଆଜି ପର୍ଯ୍ୟନ୍ତ ମାର୍ଫତଦାର ଭାବରେ କାର୍ଯ୍ୟ କରିଆସୁଛନ୍ତି ଏବଂ ସେମାନଙ୍କୁ ସମୟ ସମୟରେ ରାଜସ୍ୱ ତଥା ଅନ୍ୟାନ୍ୟ କର୍ତ୍ତୃପକ୍ଷଗଣଙ୍କ ଦ୍ୱାରା ବଂଶାନୁକ୍ରମିକ ନ୍ୟାସୀ ଭାବରେ ମଧ୍ୟ ସ୍ୱୀକୃତି ଦିଆଯାଇଛି ।

1955 ମସିହାରେ, ପ୍ରତିବାଦୀମାନେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଅଧିନିୟମ, 1939 ର ଧାରା 64 ଅଧୀନରେ ଏକ ଆବେଦନ ଦାଖଲ କରିଥିଲେ, ଯେଉଁଥିରେ ପ୍ରତିବାଦୀମାନଙ୍କ ଦ୍ୱାରା ବୃତ୍ତିଦାନର ଅନୁଷ୍ଠାନକୁ ସେମାନଙ୍କର ବ୍ୟକ୍ତିଗତ ସମ୍ପତ୍ତି କରିବାକୁ ଦାବି କରାଯାଇଥିଲା ଏବଂ ଆବେଦନକାରୀ ଓ ଅନ୍ୟମାନଙ୍କ ଦ୍ୱାରା ପ୍ରତିଦ୍ୱନ୍ଦ୍ୱିତା କରାଯାଇଥିଲା ଏବଂ ଏହାକୁ ଖାରଜ କରାଯାଇଥିଲା । ଏହାପରେ ମାମଲାଟିକୁ ଆବେଦନ ରୂପରେ ଉଚ୍ଚ ନ୍ୟାୟାଳୟକୁ ଅଣାଯାଇଥିଲା ଏବଂ ଶେଷରେ ନିମ୍ନ ନ୍ୟାୟାଳୟର ନିର୍ଣ୍ଣୟକୁ କାଏମ ରଖାଯାଇଥିଲା ଏବଂ ଆବେଦନକୁ ଅନୁମତି ଦିଆଯାଇ ନଥିଲା । ଓଡ଼ିଶା ହିନ୍ଦୁ ଦେବୋତ୍ତର ଅଧିନିୟମ, 1951 ର ଧାରା 42 ଅଧୀନରେ ଅନ୍ୟ ଏକ ଆବେଦନ [ଏହା ପରେ 'ଅଧିନିୟମ' ଭାବରେ ସୂଚିତ] 1959-60 ବର୍ଷରେ ଦାଖଲ କରାଯାଇଥିଲା ଯାହା କିନ୍ତୁ ଅନୁପସ୍ଥିତି/ଖିଲାପ ପାଇଁ ଖାରଜ ହୋଇଥିଲା । ଏହାପରେ ଅଧିନିୟମର ଧାରା 68 ଅଧୀନରେ ଏକ ଅଣ-ବଂଶାନୁକ୍ରମିକ ନ୍ୟାସ ବୋର୍ଡ କରାଯାଇଥିଲା ଏବଂ ଯାହାର ନିୟନ୍ତ୍ରଣରେ ଉକ୍ତ ଦେବତାଙ୍କର ସେବାମାନ କରାଯାଏ । ଏହି ଆଦେଶରେ ପୂର୍ବରୁ ପ୍ରଦତ୍ତ ଯୁକ୍ତିଗୁଡ଼ିକ ଆଧାରରେ ଅଧିନିୟମ ଅଧୀନରେ ବଂଶାନୁକ୍ରମିକ ନ୍ୟାସୀ ଭାବରେ ସେମାନଙ୍କର ଦାବିଗୁଡ଼ିକର ବିଚାର କରିବାକୁ ଅନ୍ୟ ଏକ ଆବେଦନ ଦାଖଲ କରାଯାଇଥିଲା । ଆବେଦନକାରୀ ନିବେଦନ କରିଥିଲେ ଯେ ଗତାନୁଗତିକ ପ୍ରଥା ଦ୍ୱାରା ଅଥବା ଅନ୍ୟଥା ହେଉ ପ୍ରତିବାଦୀମାନଙ୍କ ସହ କଦାପି ଅନୁଷ୍ଠାନର ବଂଶାନୁକ୍ରମିକ ନ୍ୟାସୀ ଭାବରେ ବ୍ୟବହାର ପ୍ରଦର୍ଶନ କରାଯାଇନଥିଲା ।

ସହକାରୀ ଆୟୁକ୍ତଙ୍କ ଦ୍ୱାରା ତିନୋଟି ପ୍ରସଙ୍ଗ ଉତ୍ଥାପନ କରାଯାଇଥିଲା ଯେ (i) ଆବେଦନଟି ରକ୍ଷଣୀୟ କି; (ii) ଆବେଦନକାରୀଙ୍କୁ ପୂର୍ବ ନ୍ୟାୟ ନୀତି ଦ୍ୱାରା ବାରଣ କରାଯାଇଛି କି; (iii) ପ୍ରତିବାଦୀମାନେ ବଂଶାନୁକ୍ରମିକ ନ୍ୟାସୀ ଅଟନ୍ତି କି । ପ୍ରସଙ୍ଗ ସଂଖ୍ୟା 1 ଏବଂ 2 ରେ ପ୍ରତିବାଦୀମାନଙ୍କ ସପକ୍ଷରେ ସେ ମତ ଦେଇଥିଲେ । ତେଣୁ ଏକମାତ୍ର ପ୍ରସଙ୍ଗ ବିଚାର କରିବାକୁ ବାକି ଅଛି ଯେ ପ୍ରତିବାଦୀମାନେ ସୋଧରପୁର ଗାଁ, ପୋଷ୍ଟ: ବକୁ, ପୁରୀ ଜିଲ୍ଲାର ଶ୍ରୀ ସିଦ୍ଧବଳଦେବ ଜୀଉଙ୍କ ବଂଶାନୁକ୍ରମିକ ନ୍ୟାସୀ କି ନୁହେଁ । ସହକାରୀ ଆୟୁକ୍ତ ଲକ୍ଷ୍ୟ କଲେ ଯେ, ଦେବତାଙ୍କ ପ୍ରତିଷ୍ଠା ସମୟରୁ ଦେବତାଙ୍କ ଅନୁଷ୍ଠାନର ସେମାନେ ବଂଶାନୁକ୍ରମିକ ନ୍ୟାସୀ ଅଟନ୍ତି କିମ୍ବା ଗତାନୁଗତିକ ପ୍ରଥା ଦ୍ୱାରା ନିୟନ୍ତ୍ରିତ କିମ୍ବା ପ୍ରତିଷ୍ଠାତାଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବରେ ପ୍ରଦାନ କରାଯାଇଛି, ଏହା ପ୍ରମାଣିତ କରିବା ପ୍ରତିବାଦୀମାନଙ୍କର ଗୁରୁଦାୟିତ୍ୱ ଅଟେ । ସେ, ବିସ୍ତୃତ ଭାବରେ, ମାମଲାର ଉକ୍ତ ଦିଗକୁ ବିଚାର କରିଥିଲେ ଏବଂ ଏହି ଉପସଂହାରରେ ପହଞ୍ଚିଥିଲେ ଯେ ପ୍ରତିବାଦୀମାନେ କେବଳ ମାର୍ଫତଦାର ହୋଇପାରିଥା'ନ୍ତି, ଅର୍ଥାତ୍, କେବଳ ଅନୁଷ୍ଠାନର ସେବକଗଣ ହେବେ, ଦେବତାଙ୍କ ସେବା / ପୂଜା ନ କରିବା ସ୍ଥଳେ ସେମାନେ ବରଖାସ୍ତ ପାଇଁ ଯୋଗ୍ୟ ଅଟନ୍ତି ଏବଂ ବଂଶାନୁକ୍ରମିକ ନ୍ୟାସୀ ହେବେ ନାହିଁ । ସେ ଏହା ମଧ୍ୟ ଲକ୍ଷ୍ୟ କଲେ ଯେ ଏପରିକି ପ୍ରତିବାଦୀମାନଙ୍କ ମାମଲା ଏହା ଅଟେ ଯେ ଦେବତାଙ୍କ ପ୍ରତିଷ୍ଠା ତଥା ଏହାର ପରିଚାଳନାର ଭାରାର୍ପଣ ପୁରା କାଳରେ ହଜି ଯାଇଥିଲା । ତେଣୁ ପ୍ରତିବାଦୀମାନେ ସେମାନଙ୍କ ଦାବି ପ୍ରତିଷ୍ଠିତ କରିବା ପାଇଁ କିଛି ସନ୍ତୋଷଜନକ ତଥ୍ୟ ଉପସ୍ଥାପନ କରିବାର ଉଚିତ୍ ଥିଲା । ଅଭିଲେଖରେ ଥିବା ଅନ୍ୟାନ୍ୟ ତଥ୍ୟ ବିଷୟରେ ଆଲୋଚନା କରିବା ପରେ ସହକାରୀ ଆୟୁକ୍ତ ପ୍ରତିବାଦୀମାନଙ୍କ ଦ୍ୱାରା କରାଯାଇଥିବା ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏହି ମାମଲା ଉଚ୍ଚ ନ୍ୟାୟାଳୟକୁ ଆବେଦନ ରୂପେ ନିଆଯାଇଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଏହାକୁ ଅନୁମତି ଦେଇଥିଲେ । ପ୍ରତିବାଦୀମାନେ ମାର୍ଫତଦାର ଅଟନ୍ତି ବୋଲି ତଥ୍ୟ ଉପଲବ୍ଧ ଥିଲା ଏବଂ ଯଦି ସେମାନେ ମାର୍ଫତଦାର ଅଟନ୍ତି, ତେବେ ସେମାନଙ୍କୁ

ନ୍ୟାସୀ ଭାବରେ ଗ୍ରହଣ କରାଯିବା ଉଚିତ, ଏହି ଆଧାରରେ ଉଚ୍ଚ ନ୍ୟାୟାଳୟ ପ୍ରତିବାଦୀମାନଙ୍କୁ ବଂଶାନୁକ୍ରମିକ ନ୍ୟାସୀ ଭାବରେ ମଣିବାକୁ ଅଗ୍ରସର ହୋଇଥିଲେ । ଏହା ମଧ୍ୟ କୁହାଯାଇଥିଲା ଯେ ଯେହେତୁ ମନ୍ଦିରର ଉତ୍ପତ୍ତି ପୁରା କାଳରେ ନଷ୍ଟ ହୋଇଯାଇଥିଲା, ତେଣୁ 'ହୃତ ମଞ୍ଜୁରି' ନୀତି ଆଧାରରେ ପ୍ରତିବାଦୀମାନଙ୍କୁ ବଂଶାନୁକ୍ରମିକ ନ୍ୟାସୀ ବୋଲି ପରିଗଣ୍ୟ କରାଯିବା ଉଚିତ ।

"ବଂଶାନୁକ୍ରମିକ ନ୍ୟାସୀ" ର ସଂଜ୍ଞା ଏହି ଅଧିନିୟମରେ ନିର୍ଦ୍ଧାରଣ କରାଯାଇଛି । ଉକ୍ତ ବ୍ୟବସ୍ଥା ଅଧୀନରେ ବଂଶାନୁକ୍ରମିକ ନ୍ୟାସୀ ଅର୍ଥ ହେଉଛି ଉତ୍ତରାଧିକାର ଯୋଜନା ଯେ ପର୍ଯ୍ୟନ୍ତ ବଳବତ୍ତର ଥାଏ, ଏକ ଏପରି ଧାର୍ମିକ ଅନୁଷ୍ଠାନର ନ୍ୟାସୀ ଯାହାର କାର୍ଯ୍ୟାଳୟ/ପଦଭାର ଉତ୍ତରାଧିକାର ପ୍ରତିଷ୍ଠାତାଙ୍କ ଅମଳରୁ କିମ୍ବା ଗତାନୁଗତିକ ପ୍ରଥା ଦ୍ୱାରା ନିୟନ୍ତ୍ରିତ ଅଟେ କିମ୍ବା ପ୍ରତିଷ୍ଠାତାଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଭାବରେ ଆୟୋଜନପୂର୍ବକ ପ୍ରଦାନ କରାଯାଇଥାଏ । ବଂଶାନୁକ୍ରମିକ ନ୍ୟାସୀ ବୋଲି ଦାବି କରିବା ପାଇଁ ସେମାନଙ୍କୁ ଏହା ପ୍ରମାଣ କରିବାକୁ ପଡିବ ଯେ ପରିବାରର ସଦସ୍ୟମାନେ ନ୍ୟାସୀ ଭାବରେ ଦେବତାଙ୍କ କାର୍ଯ୍ୟର ପରିଚାଳନା ଦାୟିତ୍ୱରେ ରହିଆସିଛନ୍ତି ଏବଂ ପ୍ରତିଷ୍ଠାତାଙ୍କ ଅମଳରୁ ବଂଶାନୁଗତ ଅଧିକାର ସୂତ୍ରରେ ସେମାନଙ୍କର କାର୍ଯ୍ୟାଳୟର ଉତ୍ତରାଧିକାର ସେମାନଙ୍କୁ ହସ୍ତାନ୍ତରିତ ହୋଇଛି ଏବଂ ଅଧିନିୟମର ଧାରା 41 ଅଧୀନରେ ଆବେଦନ ଦାଖଲ ହେବା ପର୍ଯ୍ୟନ୍ତ ଯୋଜନାଟି ବଳବତ୍ତର ଥିଲା । ପ୍ରତିବାଦୀମାନଙ୍କ ପରିବାରର ପ୍ରତ୍ୟେକ ସଦସ୍ୟ କିଛି ସମୟ ପାଇଁ ଦେବତାଙ୍କ ମାର୍ଫତଦାର ଭାବରେ କାର୍ଯ୍ୟ କରୁଥିଲେ ବୋଲି ଧରି ନେବା ଦ୍ୱାରା ଅଧିନିୟମର ଧାରା 3(6) ବ୍ୟବସ୍ଥାନୁସାରେ ସେମାନେ ବଂଶାନୁଗତ ନ୍ୟାସୀ ଅଟନ୍ତି ବୋଲି ସେମାନଙ୍କର ମାମଲାକୁ ସିଦ୍ଧ କରିବା ପାଇଁ ଏହା ଯଥେଷ୍ଟ ନ ହୋଇପାରେ । ଅନ୍ୟାନ୍ୟ ମାନଦଣ୍ଡ ଯେପରିକି ପ୍ରତିଷ୍ଠାତାଙ୍କ ଅମଳରୁ ବଂଶାନୁକ୍ରମିକ ସୂତ୍ରରେ ନ୍ୟାସୀ ପଦକୁ ଉତ୍ତରାଧିକାର କିମ୍ବା ଗତାନୁଗତିକ ପ୍ରଥା ଦ୍ୱାରା ନିୟନ୍ତ୍ରିତ ଏବଂ ଅଧିନିୟମର ଧାରା 41 ଅଧୀନରେ ଆବେଦନ କରାଯିବା ପର୍ଯ୍ୟନ୍ତ ଏ'ପରି ଯୋଜନାଟି ବଳବତ୍ତର ଅଛି, ଯୁକ୍ତିଯୁକ୍ତ ସାକ୍ଷ୍ୟ ଦାଖଲପୂର୍ବକ ଏସବୁ ପ୍ରମାଣ କରିବାକୁ ପଡିବ ।

ଆମ୍ଭେ ଯାହା କହିଅଛୁ ତା'ର ଆଧାରରେ ନ୍ୟାୟାଳୟର ସମ୍ମୁଖରେ ଉପସ୍ଥାପିତ ତଥ୍ୟାବଳୀକୁ ପରୀକ୍ଷା କରିବା । ବର୍ତ୍ତମାନର ମାମଲାରେ ଏ'ପରି ତର୍କ ଉପସ୍ଥାପନ କରାଯାଇଥିଲା ଯେ ମାର୍ଫତଦାର ହୋଇଥିବାରୁ ପ୍ରତିବାଦୀମାନେ ନ୍ୟାସୀ ଅଟନ୍ତି । ତେବେ, ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ମାମଲାର ବିଶ୍ଳେଷଣ କରିବାକୁ ଅଗ୍ରସର ହେଉଛନ୍ତି ଯେ ଅନୁଷ୍ଠାନର ନ୍ୟାସୀ ହେବା ପାଇଁ ଦେବତାଙ୍କ ଧାର୍ମିକ କର୍ମ ତୁଲାଉଥିବା ବ୍ୟକ୍ତିଙ୍କ ପାଇଁ ନ୍ୟାସୀ ହେବାରେ କୌଣସି ପ୍ରତିବନ୍ଧକ ନାହିଁ ଯେହେତୁ ନ୍ୟାସୀ ସଂଜ୍ଞା ଏପରି ଜଣେ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରେ ଯାହାଙ୍କ ଉପରେ ଧାର୍ମିକ ଅନୁଷ୍ଠାନର ପ୍ରଶାସନ ଭାର ନ୍ୟସ୍ତ କରାଯାଇଛି । ଉଚ୍ଚ ନ୍ୟାୟାଳୟଙ୍କର ଏହି କାର୍ଯ୍ୟପନ୍ଥା ଏହି ମାମଲାର ଯାଞ୍ଚରେ ଭୁଲ ପରିଣାମ ଆଣିଛି । ପ୍ରତିବାଦୀମାନେ, ବଂଶାନୁକ୍ରମିକ ନ୍ୟାସୀ ହୋଇଥିଲେ ମଧ୍ୟ, "ମାର୍ଫତଦାର" ଭାବରେ ନିୟୋଜିତ ହୋଇଥିଲେ କି ନାହିଁ ଏବଂ ଅନ୍ୟ ଭାବରେ ନୁହେଁ ଏହା ଦେଖିବାକୁ ହେବ । କେବଳ ଜଣେ ବ୍ୟକ୍ତି ଯଦିଓ ଜଣେ ନ୍ୟାସୀ ଭାବରେ ଦେବତାଙ୍କ ପ୍ରଶାସନ ଭାରରେ ଅଛନ୍ତି, ଏହା ତାଙ୍କୁ *"ବଂଶାନୁକ୍ରମିକ ନ୍ୟାସୀ"* କରିବ ନାହିଁ, ଯାହା ପୂର୍ବରୁ ଆମ୍ଭେ ଲକ୍ଷ୍ୟ କରିଛୁ, ସେଥିର ସର୍ତ୍ତାବଳୀ ଯେ ପର୍ଯ୍ୟନ୍ତ ପୂରଣ ହୋଇନାହିଁ । ବର୍ତ୍ତମାନର ମାମଲାରେ, ପ୍ରତିବାଦୀମାନଙ୍କର ଦାବି କି ଯେ ସେମାନେ ନ୍ୟାସୀ ନୁହଁନ୍ତି ବରଂ ପ୍ରାସଙ୍ଗିକ ବ୍ୟବସ୍ଥା ଅଧୀନରେ ବଂଶାନୁକ୍ରମିକ ନ୍ୟାସୀ ଅଟନ୍ତି । ତେଣୁ ଏହି ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟଙ୍କ ମତ ସୁଚାରୁରୂପେ ପ୍ରତିଷ୍ଠିତ ନୁହେଁ, ବିଶେଷ କରି ଯେବେ କି ନିମ୍ନ କର୍ତ୍ତୃପକ୍ଷଗଣଙ୍କ ଦ୍ୱାରା ସ୍ଥାପିତ ମତକୁ ଅଯୌକ୍ତିକ କିମ୍ବା ଅନୁପଯୁକ୍ତ ବୋଲି କୁହାଯାଇପାରିବ ନାହିଁ ।

ଅନ୍ୟ ଯେଉଁ ଆଧାରରେ ଉଚ୍ଚ ନ୍ୟାୟାଳୟ ଏହି ରାୟ ଦେଇଥିଲେ, ତାହା ଏହା ଯେ 'ବଂଶାନୁକ୍ରମିକ ନ୍ୟାସୀ' ସଂଜ୍ଞାରେ ପରିଦୃଷ୍ଟ ଆଇନର ଆବଶ୍ୟକତା ଯେ ସେମାନେ ପ୍ରତିଷ୍ଠାତାଙ୍କ ଅମଳରୁ "ବଂଶାନୁକ୍ରମିକ ନ୍ୟାସୀ" ଅଟନ୍ତି, ପୁରା କାଳରେ ହଜିଯାଇଛି ଏବଂ ତେଣୁ ଉତ୍ତରାଧିକାର ବଂଶକ୍ରମ ପ୍ରତିଷ୍ଠା କରିବା ପାଇଁ କୌଣସି ପ୍ରତ୍ୟକ୍ଷ ସାକ୍ଷ୍ୟ ପାଇବା ସମ୍ଭବପର ନୁହେଁ, କିନ୍ତୁ 'ହୃତ ମଞ୍ଜୁରି' ର ମତବାଦରେ ଏହା ପ୍ରାପ୍ତ କରାଯାଇ ପାରିବ । ଅଧିକାର ହିସାବରେ ଏବଂ ବିନା ଅନ୍ତରାୟରେ, ଯେତେବେଳେ ଏହି ଧରଣର ବ୍ୟବହାରକାରୀ ଅବାଧିତ ଅଟନ୍ତି, ଅତି ପୁରା କାଳର ବ୍ୟବହାରରୁ ମଞ୍ଜୁରିର ଅନୁମାନ କରିବାକୁ ନ୍ୟାୟାଳୟ ମୁକ୍ତ ଅଟନ୍ତି, କିନ୍ତୁ ଯଦି ବ୍ୟବହାରକାରୀଙ୍କୁ ଅନ୍ୟଥା ବ୍ୟାଖ୍ୟା କରାଯାଇପାରେ ତେବେ ମଞ୍ଜୁରିର ଅନୁମାନ କରାଯିବ ନାହିଁ । ମାଲିକଙ୍କ ସମ୍ମତିରେ ବ୍ୟବହାରକାରୀଙ୍କ ଦୀର୍ଘକାଳୀନ ଭୋଗଦଖଲରୁ ତଥା ଭୋଗାଧିକାର ପ୍ରୟୋଗ ଦ୍ୱାରା ଏକ 'ହୃତ ମଞ୍ଜୁରି' ର କଳ୍ପନା, ଯେ ମୂଳତଃ ଦାବିଦାରଙ୍କୁ ମଞ୍ଜୁରି ଦିଆ ଯାଇଥିବ ଯାହା 'ହୃତ' ହୋଇଥିଲା, କେବଳ ମାତ୍ର ଏକ ପ୍ରାକ୍ ଧାରଣା । ଉତ୍ତରାଧିକାର ସୂତ୍ରରେ ସଂସ୍ଥାପନ ହୋଇଥିବା ନ୍ୟାସୀମାନଙ୍କ ସପକ୍ଷରେ 'ହୃତ ମଞ୍ଜୁରି' ର ଏପରି କୌଣସି ପ୍ରାକ୍ ଧାରଣା ହୋଇପାରିବ ନାହିଁ । ଅଭିଲେଖରେ ଥିବା ତଥ୍ୟରେ ଏପରି କୌଣସି ହସ୍ତକ୍ଷେପ ସମ୍ଭବପର ବୋଲି ଆମ୍ଭେ ମନେ କରୁ ନାହୁଁ । ପ୍ରଥମତଃ, ନ୍ୟାୟାଳୟ ସମ୍ମୁଖରେ ଯୁକ୍ତି ଉପସ୍ଥାପିତ ହୋଇଥିଲା ଯେ ଦେବତା ଏକ ବ୍ୟକ୍ତିଗତ ନ୍ୟାସ ଏବଂ ପ୍ରବର୍ତ୍ତିତ ଆଇନରେ ଅନ୍ତର୍ଭୁକ୍ତ ନୁହଁନ୍ତି; ସେ' ଦୃଷ୍ଟିରେ ବିଫଳ ହେବା ପରେ ବର୍ତ୍ତମାନ ସେମାନେ ଏହି ତଥ୍ୟ ଉପରେ ଆଶ୍ରିତ ରହିଲେ ଯେ ସେମାନେ ବଂଶାନୁକ୍ରମିକ ନ୍ୟାସୀ ଅଟନ୍ତି । ଏହାକୁ ପ୍ରମାଣ କରିବାରେ ସେମାନେ କୌଣସି ପ୍ରକାରର ସାକ୍ଷ୍ୟ ଉପସ୍ଥାପନ କରି ନ ପାରି ଶୋଚନୀୟ ଭାବରେ ବିଫଳ ହୋଇଛନ୍ତି । ଏହି ପରିସ୍ଥିତିରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଆଦେଶକୁ ରଦ୍ଦ କରିବାରେ ଏବଂ ସହକାରୀ ଆୟୁକ୍ତଙ୍କ ଆଦେଶକୁ ପୁନରୁଦ୍ଧାର କରିବାରେ ଆମ୍ଭର କୌଣସି ଦ୍ୱିଧା ନାହିଁ ଯାହାକୁ ଆମ୍ଭେ ପୂର୍ବରୁ ଲକ୍ଷ୍ୟ କରିଛୁ । ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । ତେବେ ଯାହା ହେଉ, ଖର୍ଚ୍ଚ ବାବଦରେ କୌଣସି ଆଦେଶ ରହିବ ନାହିଁ ।

ଭି.ଏସ୍.ଏସ୍ ଆବେଦନ ଅନୁମୋଦିତ ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**

**ଓଡିଶା ଉଚ୍ଚ ନ୍ୟାୟାଳୟ, କଟକ**